ହରିୟାଣା ରାଜ୍ୟ

ବନାମ

ତ୍ରିଲୋକ ଚାନ୍ଦ୍ ଏବଂ ଅନ୍ୟମାନେ ଇତ୍ୟାଦି ଇତ୍ୟାଦି

ଡିସେମ୍ବର 8,1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ପ୍ରଥା ଏବଂ ପ୍ରକ୍ରିୟା:*

*ଆବେଦନ-- ପ୍ରତିସ୍ଥାପନ--ପ୍ରଭାବୀ ପଦକ୍ଷେପ ନେବାରେ ବିଫଳତା ।*

**ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ କରାଯାଇଥିବା ଆବେଦନଗୁଡ଼ିକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: ଆଇନଗତ ପ୍ରତିନିଧିଙ୍କୁ ନଥିଭୁକ୍ତ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଉତ୍ତରଦାତା ସଂଖ୍ୟା 2 ଙ୍କ ବିରୋଧରେ ଆବେଦନକୁ ଖାରଜ କରାଗଲା । ଏହି ଅଧିନିର୍ଣ୍ଣୟ ସାଧାରଣ ଏବଂ ଅବିଭାଜ୍ୟ ହୋଇଥିବାରୁ, ସମସ୍ତଙ୍କ ବିରୋଧରେ ଆବେଦନଗୁଡିକୁ ସମାପ୍ତ କରାଗଲା ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 11843-49/1995

4.2.85 ତାରିଖରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଆର୍. ଏଫ୍. ଏ. ସଂଖ୍ୟା 3-07, 333, 506-07 ଏବଂ 085/1984 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଆସିଛି ।

ସୁଶ୍ରୀ ଇନ୍ଦୁ ମାଲହୋତ୍ରା ଆବେଦନକାରୀ ପାଇଁ ।

ଜି. କେ. ବଂଶଲ ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଜୁଲାଇ 28,1995 ଠାରୁ ଛଅ ସପ୍ତାହ ମଧ୍ୟରେ ଆଇନଗତ ପ୍ରତିନିଧିମାନଙ୍କୁ ନଥିଭୁକ୍ତ କରିବା ପାଇଁ ଏହି ନ୍ୟାୟାଳୟ ଦ୍ୱାରା ପାରିତ ବାଧ୍ୟତା ମୂଳକ ଆଦେଶ ସତ୍ୱେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଫଳସ୍ୱରୂପ, ନ୍ୟାୟାଳୟର ବିନା ଅନୁମତିରେ ଉତ୍ତରଦାତା ସଂଖ୍ୟା 2 ବିରୁଦ୍ଧରେ ଆବେଦନକୁ ଖାରଜ କରାଯାଇଛି । ଯେହେତୁ ସେମାନଙ୍କ ମଧ୍ୟରୁ ଜଣଙ୍କ ବିରୋଧରେ ଆବେଦନକୁ ଖାରଜ କରିଦିଆଯାଇଛି ଏବଂ ଏହି ଅଧିନିର୍ଣ୍ଣୟ ସାଧାରଣ ଏବଂ ଅବିଭାଜ୍ୟ ହୋଇଥିବାରୁ, ସମସ୍ତଙ୍କ ବିରୋଧରେ ଆବେଦନଗୁଡ଼ିକୁ ସମାପ୍ତ କରାଗଲା । ଆବେଦନଗୁଡ଼ିକୁ ଖାରଜ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଆର୍. ପି. ଆବେଦନଗୁଡ଼ିକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।